# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 176 CUTTACK, MONDAY, JANUARY 16, 2023/PAUSA 26, 1944**


## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

*ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା*

The 20th September 2022

**S.R.O. No. 36**/2023—ରାଜ୍ୟ ସରକାର ପ୍ରଭାବିତ ଗ୍ରାମ/ ୱାର୍ଡ ସ୍ତରରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତଙ୍କ ପରାମର୍ଶକ୍ରମେ ନିମ୍ନଲିଖିତଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି ।ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ -୨୦୧୩ ର ଧାରା ୪ ଅନୁଯାୟୀଉକ୍ତ ସର୍ବେକ୍ଷଣ କରାଯିବ ।

୧. ପ୍ରକଳ୍ପ ବିକାଶକାରୀ ଙ୍କ ନାମ :-**ନିର୍ବାହୀ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଜନ, ଜିଲ୍ଲା- ରାୟଗଡ଼ା ।**

୨. ପ୍ରସ୍ତାବିତ ଭୂମି ଅଧିଗ୍ରହଣର ଉଦ୍ଦେଶ୍ୟ- **ସୋରିଷପଦର ଗ୍ରାମର ଜମିରେ କେନାଲ ନିର୍ମାଣ ସକାଶେ, ଜିଲ୍ଲା- ରାୟଗଡ଼ା।**

୩. SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୁଚନା:-**GRROW, (Gopabandhu Research & Rehabilitation Organization for welfare), Jagatsinghpur. An Empanelled agency under Nabakrushna Choudhury Centre for Development Studies, Bhubaneswar.**

SIA କରୁଥିବା ଅନୁଷ୍ଠାନ ଯୋଗାଯୋଗ ସୃଚନା:- Nabakrushna Choudhury Centre for Development Studies, Bhubaneswar, Phone No. 0674-2300471, 2301094 .

୪. ପ୍ରକଳ୍ପ ପାଇଁ ରାୟଗଡା ଜିଲ୍ଲାରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ/ ତଫସିଲ:-

| କ୍ରମିକ ନଂ | ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମ ପଞ୍ଚାୟତ | ଅଧିଗ୍ରହଣ ପାଇଁ ବେସରକାରୀ ଜମି | ମନ୍ତବ୍ୟ | ଜମିର ତାଲିକା |
|---|---|---|---|---|---|---|---|
| ୨ | ରାୟଗଡା | କଲ୍ୟାଣ ସିଂହପୁର | ଭାଲୁମସ୍କା | ସିକରପାଇ | ଏକର. ୦.୬୯୫ | Not applicable | ଏଥି ସହିତ ସଲଂଗ୍ନ କରାଯାଇ ଛି |
| | | | | **ମୋଟ** | **ଏକର. ୦.୬୯୫** | | |

**ଏଥି ସହିତ ଭୂମି ଅନୁସୂଚି ସଲଂଗ୍ନ କରାଯାଇଛି :**

୫. ପ୍ରସ୍ତାବିତ ପ୍ରକଳ୍ପର ସଂକ୍ଷିପ୍ତ ବିବରଣୀ :- **ପ୍ରସ୍ତାବିତ କୋରାପୁଟ- ସିଙ୍ଗପୁର ରୋଡ ରେଳପଥ ଦୋହରିକରଣ ପ୍ରକଳ୍ପ, ଜିଲ୍ଲା- ରାୟଗଡ଼ା** ରେ ନିର୍ମାଣ କରାଯିବ । ଉକ୍ତ ପ୍ରକଳ୍ପଟି ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ତହସିଲ ଅନ୍ତର୍ଭୁକ୍ତ **୧(ଏକୋ)ଗୋଟି** ଗ୍ରାମ ଯଥା- **ଭାଲୁମସ୍କା**ର ମଧ୍ଯ ଦେଇ ଯିବ**।**

୬. SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଂଚଳ :- ରାୟଗଡା ଜିଲ୍ଲାରେ ଉକ୍ତ **୦୧(ଏକୋ)ଗୋଟି** ଗ୍ରାମର ମୋଟ **୦.୬୯୫ଏକର** ଘରୋଇ ଜମି ପ୍ରସ୍ତାବିତ କୋରାପୁଟ- ସିଙ୍ଗପୁର ରୋଡ ରେଳପଥ ଦୋହରିକରଣ ପ୍ରକଳ୍ପ ପାଇଁ ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳିପାରିବ ।

୭. SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମ ପଞ୍ଚାୟତ / ଗ୍ରାମ / ୱାର୍ଡ ର ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ । SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ । ଭୂମି ଅଧିଗୃହିତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତକଡା ୨୫ ଭାଗ ପ୍ରଭାବିତ ସମସ୍ତ ଗ୍ରାମସଭା ମାନଙ୍କରେ ଜନଶୁଣାଣି କରାଯିବ ।

୮. ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ?

**ସହମତି ଆବଶ୍ୟକ ।**

୯. SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୨(ଦୁଇ) ମାସ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ । SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବସାଇଟ ରେ ସୂଚିତ ହେବ ।

# ଜମିର ତାଲିକା

ପ୍ରସ୍ତାବିତ କୋରାପୁଟ – ସିଙ୍ଗପୁର ରୋଡ ରେଳପଥ ଦୋହରିକରଣ ପ୍ରକଳ୍ପ, ଜିଲ୍ଲା-ରାୟଗଡା

ଗ୍ରାମ: ଭାଲୁମସ୍କା, ତହସିଲ – କଲ୍ୟାଣସିଂହପୁର, ଥାନା: କଲ୍ୟାଣସିଂହପୁର (ନଂ- ୨୩୧) ଜିଲ୍ଲା: ରାୟଗଡା

## ବ୍ୟକ୍ତିଗତ ଜମି

| କ୍ରମିକ ନଂ | ୧ | ୨ | ୩ | ୪ | ୫ | ୬ | ୭ | ୮ |
|---|---|---|---|---|---|---|---|---|
| | ଖତିୟାନ ନଂ | ପ୍ଲଟ ନଂ | ମୌଜା | ଗ୍ରା.ପ | ରକବା | ଅଧିଗ୍ରହଣର କବା | କିସମ | ଅଭିଲିଖିତରୟତ ନାମ |
| 1 | ୩ | ୧୦ | ଭାଲୁମସ୍କା | ସିକରପାଇ | ୦.୯୮୦ | ୦.୫୩୧ | ଡଙ୍ଗର ତିନି | ହିକକା ଚକ୍ର, ହିକକା ହିରୁ ପି-ହିକକା ଅମ୍ବୁରୁ |
| 2 | ୫ | ୧୩ | ଭାଲୁମସ୍କା | ସିକରପାଇ | ୦.୬୧୦ | ୦.୧୬୪ | ଡଙ୍ଗର ତିନି | ପ୍ରାସ୍କା ପାପାନା, ପ୍ରାସ୍କା ସବୁ ପି-ପ୍ରାସ୍କା କୁମୁଟି |
| | | | | **ମୋଟ ଏ** | **୧.୬୯୦** | **୦.୬୯୫** | | |

**[No. 31701—RDM-LAB-RGD-0014-2021-R&DM]**

ରାଜ୍ୟପାଳଙ୍କ ଆଦେଶାନୁସାରେ

ମଧୁସ୍ମିତା ସାହୁ

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10

Ex. Gaz. 3194—173+0